ସାହିତ୍ୟ

ପଣ୍ଡିତ ନୀଳକଣ୍ଠ ଦାସଙ୍କ ପ୍ରତିଷ୍ଠିତ 'ନବଭାରତ'ର ନୂତନ ପ୍ରସ୍ଥ

ଓଡ଼ିଆ କଥା ସାହିତ୍ୟ ଜଗତରେ ତରୁଣକାନ୍ତି ଜଣେ ନିଡର ସାଧକ । ଏକ ନିଃସଙ୍ଗ ପଦାତିକର ଯାତ୍ରା କରି ନିଜର ବାଟ ତିଆରି କରିଛନ୍ତି । ଏକ ସୀମାବଦ୍ଧ ଅନୁଭୂତିକୁ ପଥେୟ କରି ବିସ୍ତୃତିର ଚିତ୍ରଣ କରନ୍ତି । ତାଙ୍କ ଗଳ୍ପରେ ସାମାଜିକତା ବ୍ୟାପକତା ଲାଭ କରିଥାଏ । ତେବେ ଯେଉଁ ସରାଗତା ଓ ଅନ୍ତରଙ୍ଗ ମାନବୀୟତାର ସହିତ ସେ ଗଳ୍ପର ଆବହ ଜଡ଼ିତ, ତାହା ତାଙ୍କର ମୁଖ୍ୟତା । ନିଃସଙ୍ଗତାକୁ ଜିଜିବ ଅବଶ୍ୟମ୍ଭାବୀ ପରିଣତି ବୋଲି ବିବେଚନା କରନ୍ତି ।

ଅନ୍ୟପକ୍ଷରେ ତରୁଣକାନ୍ତିଙ୍କ ଗଳ୍ପ ପାଠକକୁ ଏକ ଉଚ୍ଚଶ୍ରେଣୀ ମଧ୍ୟକୁ ଗେଇଯାଏ । ମିଳିତ ଅପେକ୍ଷା ବିୟୋଗାତ୍ମକତା ତାଙ୍କ ଗଳ୍ପରେ ଅଧିକ ଅର୍ଥ ବହନ କରେ । କାହାଣୀହୀନ ଗଳ୍ପ ତରେ ପ୍ରତି ମଧ୍ୟ ସେ ବେଶ୍ ବ୍ରତୀ ।

ତରୁଣକାନ୍ତିଙ୍କ ଗଳ୍ପଗୁଡ଼ିକରେ ଉଦ୍ଦିଷ୍ଟ ମଣିଷର ନିଃସଙ୍ଗବୋଧ, ମାନବୀୟ ସମ୍ବେଦନା, ନୁହୁଲ ବାସ୍ତବତା । ଘୁଣି ଭେଦେ ଭେଦେ ସୀମାନ୍ତରିତ ଜୀବନର ନିର୍ମମ ପ୍ରତିବିମ୍ବ । ଜୋମଳ ଗାଧାର, ଅନ୍ଧ ରାତିର ଲୁହ, ରେବତୀ, ସୁଦାମାର ଠିକଣା, ଅରଣ୍ୟ ଚିଡ଼ିର ଚକ୍ର ଆଦି ତାଙ୍କର ବହୁପଠିତ ଗଳ୍ପ । 'ସୁଦାମାର ଠିକଣା', 'ଜୋମଳ ଗାଧାର' ଗଳ୍ପରେ ତରୁଣକାନ୍ତି ନିଜେ ନିଜକୁ ଧିକ୍କାର କରିଛନ୍ତି । 'ଭଙ୍ଗା ଆଲମାରୀ ମୁହଁ ଓ ଅତିଥି ସଳାଳ'ରେ ଗାଳିଗଳି ଦିଅନ୍ତି ;'ରେବତୀ', 'ବିଦଗ', 'ଶାଳଘର ଶବମ' ଗଳ୍ପରେ ସରକାରୀ କଳର ନିର୍ମମ ଦ୍ୱାନ୍ଦ୍ୱିକୁ ଚିହ୍ନିତ କରିଛନ୍ତି, ଅରଣ୍ୟ ଆନ୍ଦିମ, 'ବିଦଗ୍ଧ' ଗଳ୍ପରେ ଭଗ୍ନମନଙ୍କ ଅସ୍ତିତ୍ୱକୁ ଦେଇ ଦିଆଗଲା ହୋଇଛନ୍ତି । ଏ ସବୁ ପରେ ତାଙ୍କର ଅନେକ ଲେଖାରେ ଅଛି ମଣିଷଟିଏ, ହତଭାଗ୍ୟ ଅଥବା ଏକାକୀ ରୋଟିଏ ମଣିଷ । 'ସମର ଓ ଶାନ୍ତି' ଉପନ୍ୟାସଠାରୁ ଆରମ୍ଭ କରି 'ମହାଭାରତ' ପର୍ଯ୍ୟନ୍ତ– ମଣିଷ ହିଁ ସବୁଠୁ ଉପରେ, ସେ ଯାଜ୍ଞସେନୀ ଦ୍ରୌପଦୀ ଅଗ୍ନି ବିମୃତ ଅର୍ଜୁନ, କୁରୁକ୍ଷେତ୍ରର ବିଷାଦ-ଯୋଗରେ ।

୧୯୫୦ ମସିହା ଅଗଷ୍ଟ ୨ ତାରିଖରେ ଭେଦୁଝରଡ଼ରେ ତରୁଣକାନ୍ତିଙ୍କ ଜନ୍ମ । ଶୈଶବ ଓ ଲୈଶୋର ସମୟ ବିତାଇଥିଲେ ଭେଦୁଝର ଓ ମୟୂରଭଞ୍ଜଠାରେ । ମାତା ବିରୋଧିନୀ ଓ ପିତା ଯୁଧିଷ୍ଠିର ମିଶ୍ରଙ୍କ ଲାଳନ ପାଳନ, ସଂସ୍କାର ତାଙ୍କୁ ପ୍ରଣାସନିକ ଓ ସାହିତ୍ୟ ସାଧନା କ୍ଷେତ୍ରରେ ଶୀର୍ଷକୁ ନେଇଯାଇଛି । ପିଲାଦିନେ ତାଙ୍କ ମଥା ଥିଲେ ପ୍ରେରଣାର ଉତ୍ସ । ସ୍କୁଲରେ ପଢ଼ିବା ସମୟରେ ସେ ଗାଳ୍ପ ଓ କବିତା ଲେଖୁଥିଲେ; କିନ୍ତୁ ଲାଜାଣୀ ହିଁ ସବୁଠୁ ଆପଣାର ହୋଇପାରିଲା ଏବଂ ତାକୁ ଜିଜିବ ଅଭିବ୍ୟକ୍ତିର ମାଧ୍ୟମ ଭାବେ ବରଣ କରି ଅବଲମ୍ବନ ଓ ସଦ୍‌ଗତି ଭାବେ ନେଇ ସାହିତ୍ୟ ଯାତ୍ରା ଅବ୍ୟାହତ ରଖିଲେ । ତାଙ୍କର ପ୍ରଥମ ଗଳ୍ପ ପ୍ରକାଶ ପାଇଥିଲା କଲିକତାରୁ ପ୍ରକାଶ ପାଉଥିବା 'ଆସନ୍ତାକାଲି' ପତ୍ରିକାରେ । ସେହି ରପଟିକୁ ସ୍କୁଲପତ୍ରିକାରେ ପ୍ରକାଶ ପାଇଁ ଅଯୋଗ୍ୟ କହି ପଶ୍ଚାତ୍ପଦ ପାଠିଦିଏରେ ଥିବା ଶିକ୍ଷକ ଫେରାଇ ଦେଇଥିଲେ । ସେତେବେଳେ ସେ ଥିଲେ ଦଶମ ଶ୍ରେଣୀର ଛାତ୍ର । ୧୯୭୮ରେ ତାଙ୍କର ପ୍ରଥମ ଗଳ୍ପ ସଙ୍କଳନ 'ଆଦର୍ଶରେ ଦୁଇଟି ସ୍ୱର' ଦାଦାଗିଥିଲା ଦିଗେଦି କଲେଜରେ ଅଧ୍ୟର୍ଥ ଛାତ୍ର ଥିବାବେଳେ ।

ତରୁଣକାନ୍ତିଙ୍କ ମତରେ ସାହିତ୍ୟ ଏକ ସୌଖିନ ସାମଗ୍ରୀ ନୁହେଁ ଏହାର ଏକ ସାମାଜିକ ଦିଗ ରହିଛି; ଏହା ଏକ ଭାବଗତ ସାମ୍ରାଜ୍ୟ । ମଣିଷ ହୃଦୟର ଯାତ୍ରା ଚିରନ୍ତନ ଛବି, ମନୁଷ୍ୟ ଜୀବନର ଯାହା ଶାଶ୍ୱତ ଅନୁଭବ ଓ ଜିଜ୍ଞାସା, ତାହା ହିଁ ସାହିତ୍ୟର ଉପଜୀବ୍ୟ । ତା'ରି ଭିତରେ ରହିଛି ଅନେକ ଦୃଶ୍ୟପଟ୍ଟ । ଆହୁରି ଅନେକ ଅଦୃଶ୍ୟ ଛବି ଟି । ସାହିତ୍ୟ ଯେଉଁଠୁ ମଣିଷର କଥା, ସମାଜର ପୃଷ୍ଠଭୂମିରେ କଥା ଓ କବିତାରେ ଜେବନ ଦାଣ୍ଡି ନୁହେଁ ସମଷ୍ଟିର ଦୃଷ୍ଟାନ୍ତ ଟି ଲିପିବଦ୍ଧ ହୋଇଥିବ । ଉତ୍ତାଙ୍କ ସାହିତ୍ୟରେ ସମାଜର ସମସ୍ୟା ରହିବ ନିଶ୍ଚୟ; କିନ୍ତୁ ସବୁଠି ଭର୍ତ୍ତୃରେ ରହିବ ମଣିଷ, ତା'ର ଏକାକୀ ଦୁଃ, ତା'ର ସୁଖଦୁଃଖ, ତା'ର ଅଭିଳାଷ ଓ ବିପନ୍ନବୋଧ, ତା'ର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗ ।

ସେ ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ କରି ମୁଖ୍ୟ ଶାସନ ସଚିବ ଭାବେ ଅବସର ଗ୍ରହଣ କରିଛନ୍ତି । ତାଙ୍କ ପାଇଁ ଚାକିରି ଗୃହନିର୍ମାଣର ପରିପନ୍ଥୀ ହୋଇନାହିଁ । ତାଙ୍କ ଚିତରରେ ଜିଜି ବୁଡ଼ି ରହିଛି, ଯେଉଁଥିରେ ଅବସର ସମୟ ବେଶି ନ ଥାଏ । ପ୍ରଶ୍ନ ସହିତ ସେହା ସେହିଭଳି ଏକ ବୁଡ଼ି । ମୁଁ ଗାଣେ ନାହିଁ, ଅନ୍ୟ କେଉଁ ବୁଡ଼ିରେ ଥିଲେ ମୁଁ ଅଧିକା ଲେଖି ପାରିଥାଆନ୍ତି କି ନାହିଁ, ଅଧିକ ଭଲ ଲେଖି ପାରିଥାଆନ୍ତି କି ନାହିଁ, କିନ୍ତୁ ମୋର ବୁଡ଼ି ମୋତେ ସମର୍ଥ କରିଛି ଜୀବନର ଲେଖେକ ଦିଗର ଦୃଶ୍ୟ ଦେଖିବା ପାଇଁ । ମୋର ଅନେକ ଲେଖାରେ ମୋ ବୁଡ଼ିର ଅଭିଜ୍ଞତା ରହିଛି । 'ଶାତଦଳ ଶତମ୍' ଉପନ୍ୟାସଟି ମୋ' ନିଜ ଅଭିଜ୍ଞତାରୁ ସମ୍ଭୂତ, ଦଣ୍ଡକାରଣ୍ୟରେ ମୋର ଯାତ୍ରା ଥିଲା ଅଭିଜ୍ଞତା । 'ଅନ୍ଧ ରାତିର ଲୁହ, 'ଦିନେ ରାତିରେ', 'ରେବତୀ' ଏ ସବୁ ମୋ ଅଭିଜ୍ଞତା ଭିତରୁ ସୃଷ୍ଟି ।

ନିଜ ଲେଖା ସମ୍ପର୍କରେ ତାଙ୍କର ଅଭିବ୍ୟକ୍ତି ହେଉଛି ଦର୍ପଣରେ ମୁଁ ମୋର ଯେଉଁ ମୂର୍ତ୍ତିଟି ଦେଖେ, ତାହା ଏକ ଓଲଟା ଚିତ୍ର । ଏକାଧାରରେ ସ୍ୱାର୍ଥାତୀତ ଓ ଅବଶ୍ୟବ । ମୁଁ ମୋର ସ୍ୱାଭାବିକ ଜଗତରେ ଲେଖେ, ମୋତେ ଯାହା ଭଲ ଲାଗେ, ସେମିତି ଭଲ ଲାଗେ । ମୁଁ ଚେଷ୍ଟା କରିଛି ଜୀବନକୁ ଚିହ୍ନିବାକୁ ଓ ସେହି ପୁଯୋଗରେ ଚିହ୍ନେଇ ଦେବାକୁ । ସୀମାବଦ୍ଧ ମୋର ଜୀବନ, ସୀମିତ ମୋର ଉପଲବ୍ଧି । ଏତେ ବିୟୋଗାନ୍ତ ଦୃଷ୍ଟଭୂମିରେ, ଏତେ ଦୁଃଖ ଭିତରେ, ମଣିଷ ବଞ୍ଚିଛି, ବଞ୍ଚିବାର ଅର୍ଥ ଖୋଜୁଛି । ତାହା ହିଁ ମୋର ବିଷୟ, ତାହା ହିଁ ମୋ କାହାଣୀର ଉପଜୀବ୍ୟ । ସେ ନିଜକୁ ଅକପଟ ଓ ସ୍ୱାଭାବିକ ଭାବେ, ପାଠକ ନିଜକୁ ସମର୍ପଣ କରିଛନ୍ତି ।

'ଜୋମଳ ଗାଧାର', 'ବହୁବ୍ରୀହି', 'ଟୀଟଂସ', 'ଆଳାଣ ସେତୁ', 'ଭଦ୍ରଖଳ ରାତି' ଆଦି ଗଳ୍ପ ସଂକଳନ ତାଙ୍କ ସାହିତ୍ୟ ସାଧନାର ଉଲ୍ଲେଖନୀୟ ଦସ୍ତାବିଜ । 'ଭାରତୀ ଗଳ୍ପ ସଂକଳନ ନିମନ୍ତେ କେନ୍ଦ୍ର ସାହିତ୍ୟ ଏକାଡେମୀ, 'ଟୀଟଂସ' ଗଳ୍ପ ସଂକଳନ ନିମନ୍ତେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଓ 'ଆଳାଣ ସେତୁ' ନିମନ୍ତେ ଶାରଳା ପୁରସ୍କାର ଲାଭ କରିଛନ୍ତି । ଅଦ୍ୟାବଧି ତାଙ୍କର ୨୨ଟି ଗଳ୍ପ ସଂକଳନ ଓ ରୋଟିଏ ଉପନ୍ୟାସ ପ୍ରକାଶିତ ।



ତରୁଣକାନ୍ତି ମିଶ୍ର

ତାରୁଣ୍ୟର ତୂର୍ଯ୍ୟନାଦ

ଓଡ଼ିଆ କଥା ସାହିତ୍ୟ ଜଗତରେ ତରୁଣକାନ୍ତି ମିଶ୍ର ଏକ ଅନ୍ତରଙ୍ଗ ଉଚ୍ଚାରଣ । ନିଜ ସହ ନିଜକୁ ସାମ୍ନାସାମ୍ନି କରୁଥିବା ଭିତରେ ଆଲୋକର ସନ୍ଧାନ ଓ ମାନବିକତାର ଜୟଗାନ ତାଙ୍କ କଥା ସାହିତ୍ୟର ବିଶିଷ୍ଟ ବିଭବ । କାବ୍ୟିକ ପରିଚର୍ଯ୍ୟା ସହିତ କଥାରାଜିରେ ସେ ଯେଉଁ ନିରବତା, ନିଃସଙ୍ଗତା ଓ ଅତୀତମୁଖୀନତାର ଭାଷା ପ୍ରୟୋଗ କରନ୍ତି ସମକାଳର କୃତିତ୍ୱ କଥାଶିଳ୍ପୀ ପାଖରେ ଏତେ ଜୀବନ୍ତ ଭାବେ ପରିସ୍ଫୁଟିତ ହୁଏ । ଚଳିତବର୍ଷ ଏହି ପ୍ରଥିତଯଶା କଥାଶିଳ୍ପୀ ସମ୍ମାନଜନକ 'ସତ୍ୟବାଦୀ ସାରସ୍ୱତ ସମ୍ମାନ' ୨୦୨୪ ଲାଭ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି ।